

ମା'ଙ୍କ ଘଟ ପରିକ୍ରମା କରାଯାଉଛି।



ବିଜିପୁରରେ ଲଣ୍ଡା ବେଶଧାରୀ।

# ବିଜିପୁର ଲଣ୍ଡା ବେଶ, ଅଶୋକନଗର ଯୁବକ ସଂଘର ବାଘ ବେଶ

ବ୍ରହ୍ମପୁର ଅଫିସ,୨୮।୪

ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ମା' ବୁଢୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଶୁକ୍ରବାର ୨୫ ଦିନରେ ପହଞ୍ଚିଛି। ବିଜିପୁର ଅଞ୍ଚଳ ବାସୀଙ୍କ ସମେତ ମାନସିକଧାରୀମାନେ ମଧ୍ୟ ଲଣ୍ଡାବେଶ ଧାରଣ କରିଥିଲେ। ଲଣ୍ଡା ବେଶ ଧାରୀମାନେ ବିଜିପୁରରୁ ବାହାରି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ପୁରୁଣା ବସ୍‌ଷ୍ଟାଣ୍ଡ, ଗିରିଜାଛକ, ରାଜାସାହି ହୋଇ ଅସ୍ଥାୟୀ ମଣ୍ଡପରେ ମା'ଙ୍କୁ ଦର୍ଶନ କରିଥିଲେ। ଏଥିରେ ପ୍ରାୟ ୧୫୦ ଜଣ ଲଣ୍ଡା ବେଶ ଧାରଣ କରିଥିଲେ। ଯାହାକୁ ଦେଖି ସହରବାସୀ ଉତ୍ସାହିତ ହୋଇଥିଲେ। ସେହିଭଳି ଅଶୋକନଗର ଯୁବକ ସଂଘ ପକ୍ଷରୁ ବାଘବେଶ କରାଯାଇଥିଲା। ଏଥିରେ ୧୧ ଜଣ ବାଘ ବେଶ ଧାରଣ କରି ପରେ ସେମାନେ ଅସ୍ଥାୟୀ ମଣ୍ଡପକୁ ଯାଇ ମା'ଙ୍କୁ ଦର୍ଶନ କରିଥିଲେ।

ଯାତ୍ରା ସମୟ ସୀମା ସରି ଆସୁଥିବା ବେଳେ ହଜାର ହଜାର ସଂଖ୍ୟକ ଭକ୍ତଙ୍କ ଭିଡ ଜମୁଛି। ପାଗ ଅନୁକୂଳ ଥିବାରୁ ଅସ୍ଥାୟୀ ମଣ୍ଡପରେ ବହୁ ସଂଖ୍ୟକ ଭକ୍ତ ମା'ଙ୍କୁ ଦର୍ଶନ କରିଥିଲେ।

୨୫ ଦିନରେ ମା' ବୁଢ଼ୀ ଠାକୁରାଣୀ ଦ୍ୱିବାର୍ଷିକ ଯାତ୍ରା



ବାଘ ବେଶ।



କୃଷ୍ଣ ବେଶ।

ଭକ୍ତମାନେ କିଭଳି ଶାନ୍ତି ଶୃଙ୍ଖଳାର ସହ ଦର୍ଶନ କରିବେ ସେ ନେଇ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଅନ୍ୟପଟେ ବର୍ତ୍ତମାନ ଯାତ୍ରା ଦିନ ଶେଷ ହେବାକୁ ଯାଉଥିବା ବେଳେ ପ୍ରତି ସାହିରେ ବିଭିନ୍ନ ବେଶଧାରୀଙ୍କୁ ଦେଖିବାକୁ ମିଳୁଛି। ଅନେକ ସାହିର ଯୁବ ଗୋଷ୍ଠୀଙ୍କ ପକ୍ଷରୁ ମଧ୍ୟ ବେଶ ପକାଯାଉଛି।

ରାତି ୮ଟା ପରେ ମା' ଠାକୁରାଣୀଙ୍କ ମୁଖ୍ୟ ଘଟ ସମେତ ୮ ପାର୍ଶ୍ୱ ଘଟ ଅସ୍ଥାୟୀ ମଣ୍ଡପରୁ ବାହାରି ଥିଲା। ପରମ୍ପରା ଅନୁଯାୟୀ ମା' ପ୍ରଥମେ ମହୁରୀ ରାଜବାଟୀକୁ ଯାଇଥିଲେ। ରାଜା ମା' ଠାକୁରାଣୀଙ୍କୁ ପୂଜାର୍ଚ୍ଚନା ପରେ ମା' ବଡ ବଜାର ହୋଇ ଚନ୍ଦ୍ରମା ସାହି, ବାଲିଙ୍କିପେଟା, ଗୋବର୍ଦ୍ଧନ ପେଟା, ଆଡୁଆ ସାହି ଓ ବାରିଆ ବିଲ ସାହି ପରିକ୍ରମା କରିଥିଲେ। ଏହାପରେ ମା' କେଦାରଶ୍ୱେର ମନ୍ଦିର ହୋଇ ଦେଶୀ ବେହେରା ସାହି ଅସ୍ଥାୟୀ ମଣ୍ଡପରେ ପହଞ୍ଚିଥିଲେ। ଏହାପରେ ମା'ଙ୍କ ଆଳତି କରାଯିବା ପରେ ରାତିରେ ବାଳ ଭୋଗ କରାଯାଇଥିଲା। ଏହାପରେ ହଜାର ହଜାର ସଂଖ୍ୟକ ଭକ୍ତ ମା'ଙ୍କୁ ଦର୍ଶନ କରିଥିଲେ।







@ ପଲ୍ଲବୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପରୀକ୍ଷାରେ ବିଫଳରୁ ଛାତ୍ରଙ୍କ ଆତ୍ମହତ୍ୟା

ବ୍ରହ୍ମପୁର ଅଫିସ,୨୮।୪

ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ଶାସ୍ତ୍ରୀନଗରରେ ରହୁଥିବା ଜଣେ ଛାତ୍ର ଶୁକ୍ରବାର ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଉଛନ୍ତି ଗୋଳନ୍ଥରା ଥାନା ଅନ୍ତର୍ଗତ ସୋନପୁର ନିକଟ କୃପାନିଧି ପେଣ୍ଟର ରାଧାମୋହନ ପାତ୍ର(୨୫)। ପୋଲିସ ମୃତଦେହ ଜବତ କରି ନଂ.୧୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରାଥମିକ ତଦନ୍ତରୁ ଜଣାପଡିଛି, ନିକଟରେ ରାଧାମୋହନ ଓ ତାଙ୍କର ଜଣେ ସାଙ୍ଗ ରେଳ ବିଭାଗ ପାଇଁ ଏକ ପରୀକ୍ଷା ଦେଇପାରି ନ ଥିଲେ। ଏଥି ଯୋଗୁ ସେ ମାନସିକ ଚାପରେ ରହୁଥିଲେ। ଶୁକ୍ରବାର ଭୋରୁ ସେ ଏଥିଲାଗି ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ଛାତ୍ର ଜଣଙ୍କ ଆତ୍ମହତ୍ୟା କରିବା ପୂର୍ବରୁ ଶୁକ୍ରବାର ଭୋର ୪ଟାରେ ତାଙ୍କ ଭାଇଙ୍କୁ ହ୍ୱାଟସ୍‌ଆପ୍‌ରେ ମୁଁ ଦୁଃଖିତ ବୋଲି ଏକ ମେସେଜ ପଠାଇଥିବା ତାଙ୍କ ଭାଇଙ୍କଠାରୁ ପୋଲିସ ଜାଣିବାକୁ ପାଇଛି।

ପ୍ରକାଶ ଯେ, ରାଧାମୋହନ ଗତ ୨/୩ବର୍ଷ ହେଲା ଶାସ୍ତ୍ରୀନଗରରେ ଏକ ଘର ଭଡ଼ା ନେଇ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ। ସେଠାରେ ତାଙ୍କ ସହ ଅନ୍ୟ ଦୁଇଜଣ ସାଙ୍ଗ ମଧ୍ୟ ରହୁଥିଲେ। ଗୁରୁବାର ରାତିରେ ୩ ସାଙ୍ଗ ରାତ୍ରି ଭୋଜନ କରିଥିଲେ। ଘର ଭିତରେ ପ୍ରବଳ ଗରମ ଅନୁଭବ ହେବାରୁ ସେମାନେ ସମସ୍ତେ ଛାତ ଉପରକୁ ଶୋଇବାକୁ ଯାଇଥିଲେ। ବଡି ଭୋରୁ ରାଧାମୋହନ ପଠାଇଥିବା ମେସେଜ୍ ତାଙ୍କ ଭାଇ କୈଳାସ ଦେଖି ତାଙ୍କର ସନ୍ଦେହ ହୋଇଥିଲା। ସେ ତାଙ୍କ ଭାଇଙ୍କୁ ଫୋନ କରିଥିଲେ ମଧ୍ୟ କୌଣସି ଉତ୍ତର ପାଇ ନ ଥିଲେ। କବାଟ ଭାଙ୍ଗି ଘର ଭିତରକୁ ଯାଇ ଦେଖିବା ବେଳେ ରାଧାମୋହନ ବେକରେ ଗାମୁଛା ଲଗାଇ ଝୁଲୁଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ସୁଶାନ୍ତ ବରାଳ ପିଜି କାଉନସିଲର ଅଧ୍ୟକ୍ଷ

ବ୍ରହ୍ମପୁର ଅଫିସ,୨୮।୪: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି କାଉନସିଲର ନୂତନ



ଅଧକ୍ଷ ଭାବେ ଏମବିଏ ବିଭାଗ ମୁଖ୍ୟ ପ୍ରଫେସର ଡ଼.ସୁଶାନ୍ତ ବରାଳ ମେ' ୧ରୁ ଦାୟିତ୍ୱ ଗ୍ରହଣ କରିବେ। ଏନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ଜାରି ହୋଇଛି। ଏହା ପୂର୍ବରୁ ପ୍ରଫେସର ବରାଳ ବିଶ୍ୱବିଦ୍ୟାଳୟ ଛାତ୍ରାବାସ ସୁପରିଣ୍ଟେଣ୍ଡେଣ୍ଟ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସୂଚନାଯୋଗ୍ୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଦାୟିତ୍ୱରେ ଥିବା ସାମୁଦ୍ରିକ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ପ୍ରତାପ କୁମାର ମହାନ୍ତିଙ୍କ କାର୍ଯ୍ୟ କାଳ ଏପ୍ରିଲ ୩୦ରେ ଶେଷ ହେଉଛି। ଆସନ୍ତା ସୋମବାରଠାରୁ ପ୍ରଫେସର ବରାଳ ପ୍ରଫେସର ମହାନ୍ତିଙ୍କ ଠାରୁ ପିଜି କାଉନସିଲ ଅଧକ୍ଷ ଭାବେ ଦାୟିତ୍ୱ ନେବେ। ସେହିପରି ପ୍ରଫେସର ସତ୍ୟବ୍ରତ ବରାଳ ବର୍ତ୍ତମାନଠାରୁ ଛାତ୍ରାବାସ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ରହିବେ।

# ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ବିକ୍ଷୋଭ





ଅବସରପ୍ରାପ୍ତ କର୍ମଚାରୀଙ୍କ ବିକ୍ଷୋଭ ।

## ଆର୍‌ଡିସି ଓ ଉପଜିଲାପାଳଙ୍କୁ ଦାବିପତ୍ର

ବ୍ରହ୍ମପୁର ଅଫିସ୍,୨୮।୪

ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ଆହ୍ୱାନକ୍ରମେ ଏପ୍ରିଲ ୨୪ରୁ ରାଜ୍ୟବ୍ୟାପୀ ପ୍ରତିବାଦ ସପ୍ତାହ ପାଳିତ ହେଉଛି। ଏହି ଅବସରରେ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ୧୦ ଦଫା ଦାବି ନେଇ ଶୁକ୍ରବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆରଡିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି) ଓ ବ୍ରହ୍ମପୁର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ଦାବିଗୁଡିକ ମଧ୍ୟରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ଓ ଚିକିତ୍ସା ସୁବିଧା, ପେନସନ ନିର୍ଦ୍ଧାରଣରେ ହୋଇଥିବା ତ୍ରୁଟି ସଂଶୋଧନ, ୮୦ ବର୍ଷ ବଦଳରେ ୬୫ ବର୍ଷରୁ ଅତିରିକ୍ତ ପେନସନ ପ୍ରଦାନ, କେନ୍ଦ୍ର ଅନୁରୂପ କ୍ୱାଲିଫାଇଙ୍ଗ ସର୍ଭିସ ୨୦ ବର୍ଷ କରିବା, ପିଜିପିଏ ବିଭାଗକୁ ପୁନଃ ଅବସ୍ଥାପିତ, କମ୍ୟୁଟେଶନ ଦେୟର ଅବଧି ୧୫ ବର୍ଷ ବଦଳରେ ୧୨ ବର୍ଷକୁ ହ୍ରାସ, କରୋନା ସମୟରେ ବନ୍ଦ ହୋଇଥିବା ୧୮ ମାସର ମହଙ୍ଗା ଭତ୍ତା ପ୍ରଦାନ, ରେଳ ଯାତ୍ରାରେ ମିଳୁଥିବା ଆର୍ଥିକ ରିହାତିକୁ ପୁନଃ ପ୍ରଚଳନ ପାଇଁ ଦାବି ହୋଇଛି।

ଦାବିପତ୍ର ପ୍ରଦାନ ସମୟରେ ସଂଘ ଜିଲା ସଭାପତି ଡି.ମୋହନ ରାଓ, ସମ୍ପାଦକ ଅରୁଣ କୁମାର ବ୍ରହ୍ମା, ସହସମ୍ପାଦକ ନୀଳାଞ୍ଚଳ ମିଶ୍ର, ବରିଷ୍ଠ ସଭ୍ୟ କେ.ନନ୍ଦେଶ୍ବୁ ସେନାପତି, ଏ.ସତ୍ୟ ନାରାୟଣ ଗୁପ୍ତା, ନଗେନ ଚନ୍ଦ୍ର ପଟ୍ଟନାୟକ, ବସନ୍ତ କୁମାର ପାତ୍ର, ବିଜୟ କୁମାର ପଣ୍ଡା, କେଶବ ଚନ୍ଦ୍ର ଗୌଡ଼ ଓ ପଞ୍ଚାନନ ଜେନାଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଗଞ୍ଜାମ ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ମିଳନୀ

ବ୍ରହ୍ମପୁର ଅଫିସ,୨୮।୪

ଗଞ୍ଜାମ ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ୩୯ତମ ତ୍ରୟୋବାର୍ଷିକ ସମ୍ମିଳନୀ ଶୁକ୍ରବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ୭୦ ବର୍ଷର ଅବସର କର୍ମଚାରୀଙ୍କୁ ସରକାର ଅତିରିକ୍ତ ପେନସନ ବ୍ୟବସ୍ଥା ପ୍ରଚଳନ ପାଇଁ ଦାବି ହୋଇଛି। ସେହିପରି ୨୦୦୫ ପରେ ଚାକିରି କରୁଥିବା କର୍ମଚାରୀଙ୍କୁ ପୁରୁଣା ପେନସନ କାର୍ଯ୍ୟକାରୀ କରାଯିବାକୁ ଗୁରୁତ୍ୱ ଦିଆଯାଇଛି। ଡାଇମଣ୍ଡ ଜୁବୁଲି ଟାଉନ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ସଂଘମିତ୍ରା ଦଳେଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ କର୍ମଚାରୀଙ୍କ ଅଭିଜ୍ଞତା ଓ ଦକ୍ଷତା ଥିବାରୁ ସେମାନେ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନରେ ଉପଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ।

ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରସାଦ ବିଶୋୟୀ ବିବରଣୀ ପାଠ ସହ ଅବସରଙ୍କ ବିଭିନ୍ନ ମୌଳିକ ସମସ୍ୟା

## ୭୦ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ଅତିରିକ୍ତ ପେନ୍‌ସନ୍ ଦାବି

ଉପସ୍ଥାପନ କରିଥିଲେ। କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରଙ୍କ ଭଳି ଓଡ଼ିଶା ସରକାର ମଧ୍ୟ ଅବସର କର୍ମଚାରୀଙ୍କ ମାସିକ ୧୦୦୦ ଟଙ୍କା ମେଡିକାଲ (ଚିକିତ୍ସା) ଭତ୍ତା ଦେବା ଏବଂ ପେନସନଧାରୀଙ୍କୁ ସର୍ବନିମ୍ନ ପେନସନ ୯ ହଜାର ଟଙ୍କା ଧାର୍ଯ୍ୟ କରିବାକୁ ଦାବି କରିଥିଲେ। ସଂଘର ସ୍ଥାୟୀ କାର୍ଯ୍ୟାଳୟ ନିମନ୍ତେ ସରକାର ଜମି ଯୋଗାଇବାକୁ ଦାବି କରାଯାଇଥିଲା। ଏଥିପାଇଁ ମହାନଗର ନିଗମ ସହଯୋଗ କରିବାର ମେୟର ଆଶ୍ୱସନା ଦେଇଥିଲେ।

ସମ୍ମିଳନୀ ମଞ୍ଚରେ ଅସ୍ଥିଶଲ୍ୟ ବିଶେଷଜ୍ଞ ପଦ୍ମଶ୍ରୀ କୃଷ୍ଣ ମୋହନ ପାଠୀଙ୍କ ସମେତ ସଂଘର ୧୨ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ଜିଲାର ବିଭିନ୍ନ ସ୍ଥାନରୁ ଶତାଧିକ ଅବସର କର୍ମଚାରୀ ଯୋଗ ଦେଇଥିଲେ। ସଂଘ କର୍ମକର୍ତ୍ତାମାନେ ମଞ୍ଚାସୀନ ଥିବା ବେଳେ ଉପସଭାପତି ବିରୁପାକ୍ଷ ଦାସ ଧନ୍ୟବାଦ ଦେଇଥିଲେ।

# ଡିଏଲ୍‌ଏସ୍‌ଏ ପକ୍ଷରୁ ପାରା ଲିଗାଲ୍ ସ୍ୱେଚ୍ଛାସେବୀଙ୍କ ପ୍ରଶିକ୍ଷଣ

ବ୍ରହ୍ମପୁର ଅଫିସ,୨୮।୪: ଗଞ୍ଜାମ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟ ପରିସରରେ ଡିଏଲ୍‌ଏସ୍‌ଏ(ଜିଲା ଆଇନସେବା ପ୍ରାଧିକରଣ)ପକ୍ଷରୁ ପାରା ଲିଗାଲ୍ ସେଚ୍ଛାସେୀବଙ୍କ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଡିଏଲ୍‌ଏସ୍‌ଏ ଅଧକ୍ଷ ତଥା ଜିଲା ଓ ଦୌରା ଜଜ୍ ଆନନ୍ଦ ଚନ୍ଦ୍ର ବେହେରା ଏଥିରେ ଯୋଗଦେଇ ସେଚ୍ଛାସେବୀଙ୍କୁ ଉତ୍ସାହିତ କରିବା ସହ ସେବା ମନୋବୃତ୍ତିରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସାଧନକର୍ମୀ ଭାବେ ଆଇଜେଏମ୍ ଆଇନଜୀବୀ ସିଏଚ୍. ରାଜକିଶୋର ଏବଂ ଡ. ଜୋବି ଯୋଗଦେଇ ଗୋତି ଶ୍ରମିକ ଏବଂ ମାନବ ଚାଲାଣ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ବରିଷ୍ଠ ଆଇନଜୀବୀ ଡି.କେ. ରେଡ୍ଡୀ ସ୍ୱେଚ୍ଛସେବୀଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରାଧିକରଣ ସଚିବ ଦେବଶ୍ରୀ ସାହୁ ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରି ପାରାଲିଗାଲ ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟ କ'ଣ, ହିତାଧିକାରୀଙ୍କୁ ନିଶୁଳ୍କ ଆଇନ ସେବା ବିଷୟରେ ବୁଝାଇବା ସହ ଠିକ୍ ଉପାୟରେ ନ୍ୟାୟ ଦେବାରେ ମାଧମ ହୋଇପାରିବେ ସେ ଉପରେ ଆଲୋକପାତ କରିଥିଲେ।

# ଗଞ୍ଜାମ ଓକିଲ ସଂଘର ମଧୁବାବୁ ଜୟନ୍ତୀ ପାଳିତ

ବ୍ରହ୍ମପୁର ଅଫିସ,୨୮।୪

ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଲୟର୍ସ ଡେ' ଅବସରରେ ଶୁକ୍ରବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୬ତମ ଜୟନ୍ତୀ ପାଳନ କରାଯାଇଛି। ଏଥିରେ ଜିଲା ଜଜ୍ ଆନନ୍ଦ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନଜୀବୀମାନଙ୍କୁ ଉତ୍କଳ ଗୌରବଙ୍କ ବହୁମୁଖୀ ପ୍ରତିଭାର ଦୃଷ୍ଟାନ୍ତ ଦେଇ ଆଇନଜୀବୀମାନଙ୍କ ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ସଭାପତି ମିନତି ରଥ, ଉପସଭାପତି ଏମ୍. ଚନ୍ଦ୍ର ଶେଖର, ସମ୍ପାଦକ ଶିବ ନାରାୟଣ ସାହୁ ଓ ସହସମ୍ପାଦକ ତାପସ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଓକିଲ ସଂଘ ସମ୍ପାଦକ ଶିବ ନାରାୟଣ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ସଭାପତି, ଉପସଭାପତି ଓ ସମ୍ପାଦକ ଜିଲାଜଜ୍‌ଙ୍କ ବାର୍ତ୍ତା ପାଠ କରିଥିଲେ। ବରିଷ୍ଠ ଆଇନଜୀବୀ ନିର୍ମଳ ସାହୁ ଉତ୍କଳ ଗୌରବ ମଧୁସୂଦନଙ୍କ ଓଡ଼ିଶାର ସାମଗ୍ରିକ ବିକାଶ ତଥା ନିଃସ୍ୱାର୍ଥପର ସେବା ପାଇଁ ନିଜକୁ ଉତ୍ସର୍ଗୀକୃତ କରିଥିବା କହିଥିଲେ। ଆଜିର ଯୁବ ଆଇନଜୀବୀମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ। ବରିଷ୍ଠ ଆଇନଜୀବୀ ମାଗୁଣି ଚରଣ ପଳେଇ ଓ ଶିଶିର ପାଢ଼ୀ ପ୍ରମୁଖ ଉତ୍କଳ ଗୌରବଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ମାଗୁଣି ଚରଣ ପଳେଇ, ଜ୍ଞାନେନ୍ଦ୍ରନାଥ ଜେନା, ପି. ପ୍ରସନ୍ନ କୁମାର ପାତ୍ର, ଉମା ଶଙ୍କର ସାବତ, କପିଳେଶ୍ୱର ପଟ୍ଟନାୟକ, ବି.ଏଲ୍. ଏଲ୍. ମୂର୍ତ୍ତି, ରବୀନ୍ଦ୍ର ନାଥ ତ୍ରିପାଠୀ, କୈଳାସ ଚନ୍ଦ୍ର ପାଣିଗ୍ରାହୀଙ୍କୁ ମାନପତ୍ର ଓ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ଶେଷରେ ସହସମ୍ପାଦକ ତାପସ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମୋହନ ସିଙ୍ଗାରି, ଜନାର୍ଦ୍ଦନ ସୁବୁଦ୍ଧି, ସୁଶୀଲ ତ୍ରିପାଠୀ, ମନୋଜ ପଟ୍ଟନାୟକ, ପ୍ରମିତ ରଞ୍ଜିତ ମହାପାତ୍ର, ପ୍ରଦୀପ କୁମାର ଶତପଥୀ, ସୁରେନ୍ଦ୍ର ବେହେରା, ବରୁଣ ଗୌଡ଼, ରାମ ପଣ୍ଡା, ସୁଧୀର କୁମାର ମିଶ୍ର, ମଳୟ କୁମାର ଦାଶ ଓ ବି. ନାଗେଶ୍ୱର ରାଓଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।





କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘ କର୍ମକର୍ତ୍ତା ଓ ଅନ୍ୟମାନେ ।



## ସଂକ୍ଷେପରେ

### ଏନ୍‌ସିସି ଉପ ମହାନିର୍ଦ୍ଦେଶକଙ୍କ ବ୍ରହ୍ମପୁର ଗସ୍ତ

ବ୍ରହ୍ମପୁର ଅଫିସ,୨୮।୪- ଓଡିଶା ଏନ୍‌ସିସି ଉପ ମହାନିର୍ଦ୍ଦେଶକ ଜେ. ସୁରେଶ ଶୁକ୍ରବାର ବ୍ରହ୍ମପୁର ଏନ୍‌ସିସି ଗ୍ରୁପ ହେଡ କ୍ୱାର୍ଟର୍ସ ଅଧୀନରେ ଥିବା ବିଭିନ୍ନ ଏନ୍‌ସିସି କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ସେ କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ସେ ନାଭାଲ ଏନ୍‌ସିସି କ୍ୟାଡେଟଙ୍କୁ ଦିଆଯାଉଥିବା ବିଭିନ୍ନ ପ୍ରଶିକ୍ଷଣ ସମ୍ପର୍କରେ ପଚାରି ଥିଲେ। ଏନ୍‌ସିସି କ୍ୟାଡେଟଙ୍କ ଦ୍ୱାରା ସିପ ମୋଡଲିଂ, ବୋଟ ରିଗିଂ ପ୍ରଶିକ୍ଷଣ କୌଶଳ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଓଡିଶା-୧ ନାଭାଲ ୟୁନିଟ ଏନ୍‌ସିସି ବ୍ରହ୍ମପୁର ପାଇଁ ଜାତୀୟସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପଦକ ହାସଲ କରିଥିବା କ୍ୟାଡେଟଙ୍କ ସହ ଆଲୋଚନା କରିଥିଲେ। ଏହି ଗସ୍ତରେ ଏନ୍‌ସିସି ଗ୍ରୁପ୍ ହେଡ କ୍ୱାର୍ଟର୍ସ ଗ୍ରୁପ୍ କମାଣ୍ଡର ଗ୍ରୁପ୍ କ୍ୟାପଟେନ ସଚିନ ଗୁପ୍ତାଙ୍କ ସମେତ ନାଭାଲ ୟୁନିଟ ଏନ୍‌ସିସି ବ୍ରହ୍ମପୁରର କମାଣ୍ଡିଂ ଅଫିସର କମାଣ୍ଡର ଡି.ଜେ. ସିଂ ଏବଂ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

### ବଜ୍ରପାତରେ ୬ ଛେଳି ମୃତ

ପାତ୍ରପୁର,୨୮।୪(ଡି.ଏନ୍.ଏ): ପାତ୍ରପୁର ବ୍ଲକ ତୁରୁବୁଡ଼ି ପଞ୍ଚାୟତ ବାଉଳିଆ ଗ୍ରାମରେ ଶୁକ୍ରବାର ବଜ୍ରପାତରେ ୪ଜଣଙ୍କର ୬ଟି ଛେଳିଙ୍କ ମୃତ୍ୟୁ ଘଟିଛି। ସେମାନେ ସକାଳେ ଛେଳି ଗୋଠ ଧରି ଶୁଳିଆ ପାହାଡ ତଳକୁ ଚରାଇବା ପାଇଁ ନେଇଥିଲେ। ଅପରାହ୍ନରେ ବର୍ଷା ସହ ବଜ୍ରପାତ ହେବାରୁ ୬ଟି ଛେଳିଙ୍କ ମୃତ୍ୟୁ ହୋଇଥିବା ବେଳେ ୫ଟି ଛେଳି ଆହତ ହୋଇଛନ୍ତି। ଗ୍ରାମର ଆପନା ନାଇକ, ମୀନ ନାଇକ, ପର୍ଶୁରାମ ନାଇକ,ନାରାୟଣ ନାଇକଙ୍କ ଛେଳି ମରିଥିବା ଜଣାପଡ଼ିଛି।

### ଦ୍ୱିତୀୟ ବିବାହ କରି ଯୁବକ ଜେଲ ଗଲେ

ଦିଗପହଣ୍ଡି,୨୮।୪(ଡି.ଏନ.ଏ.): ଦିଗପହଣ୍ଡି ବ୍ଲକ ଗଡଗୋବିନ୍ଦପୁର ପଞ୍ଚାୟତ ଧାନରାଶି ଗ୍ରାମର ଜଣେ ଯୁବକ ପ୍ରଥମ ସ୍ତ୍ରୀ ଥାଇ ଦ୍ୱିତୀୟ ବିବାହ କରିବା ଅଭିଯୋଗରେ କେ. ନୂଆଗାଁ ଥାନା ପୋଲିସ ତାଙ୍କୁ ଗିରଫ କରିଛି। ସେ ହେଲେ ଏମ୍. ସନ୍ତୋଷ। ଶୁକ୍ରବାର ତାଙ୍କୁ ଦିଗପହଣ୍ଡି କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ସନ୍ତୋଷ ଗତ ପ୍ରାୟ ୧୨ ପୂର୍ବେ ରାଜେଶ୍ୱରୀ ନାମକ ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ୯ ବର୍ଷ ବୟସର ଝିଅ ରହିଥିଲେ ମଧ୍ୟ ଗତ କିଛି ମାସ ତଳେ ସନ୍ତୋଷ ରାଜେଶ୍ୱରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଘର ଛାଡି ଭୁବନେଶ୍ୱର ଚାଲି ଯାଇଥିଲେ। ନିକଟରେ ସନ୍ତୋଷ ଅନ୍ୟ ଜଣେ ଯୁବତୀଙ୍କୁ ସେଠାରେ ବିବାହ କରିଥିବା ଜାଣିବା ପରେ ପ୍ରଥମ ସ୍ତ୍ରୀ ରାଜେଶ୍ୱରୀ ଥାନାରେ ଲିଖିତ ଏତଲା ଦେଇଥିଲେ।

### ଫେରାର ଯୁବକ ଗିରଫ

ଗୋପାଳପୁର,୨୮।୪(ଡି.ଏନ.ଏ.): ଗତ ଫେବୃଆରୀ ୪ ତାରିଖ ରାତିରେ ଗୋଳନ୍ଥରା ଥାନା ଅଧୀନ କନିଷି ଢ଼ାବାରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ଫେରାର ଥିବା ଯୁବକଙ୍କୁ ଶୁକ୍ରବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ହଳଦିଆପଦର ଗ୍ରାମର ସୁବାଷ ଦାସ। ସେ ଗୁରୁବାର ରାତିରେ ଗ୍ରାମରେ ଥିବା ବେଳେ ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ଏକ ଟିମ ସହ ଚଢ଼ାଉ କରି ତାଙ୍କୁ କାବୁ କରିଥିଲେ। ସୂଚନା ଅନୁସାରେ, ଗତ ଫେବୃଆରୀ ୪ ତାରିଖ ରାତି ସାଢେ ୧୧ଟା ବେଳେ କନିଷି ଢ଼ାବାରେ ପ୍ରଦୀପ ଦଳବେହେରା ଓରଫ କଟିଙ୍ଗ ଦିପୁ ଖାଉଥିବା ବେଳେ ସୁବାସ ଓ ତାର କିଛି ସହଯୋଗୀଙ୍କ ସହ କୌଣସି କଥାକୁ ନେଇ ବଚସା ହୋଇଥିଲା। କିଛି ସମୟ ପରେ ସୁବାସ ଓ ତାର ସହଯୋଗୀ ପ୍ରଦୀପଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ପ୍ରଦୀପଙ୍କ ମା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିବା ସହ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସୁବାସ ଫେରାର ଥିଲେ।

# ଅଭିଯୋଗକାରୀଙ୍କୁ ପୋଲିସ ଏସ୍‌ଆଇଙ୍କ ଅପହରଣ ଅଭିଯୋଗ

## ଲାଞ୍ଚ ନେବା ଘଟଣାରେ ନିଜକୁ ନିର୍ଦ୍ଦୋଷ ପ୍ରମାଣ ଯୋଜନା

ପାରଳାଖେମୁଣ୍ଡି, ୨୮।୪ (ଡି.ଏନ୍.ଏ):

ଗଞ୍ଜେଇ ଚୋରା ଚାଲାଣ ମାମଲାରେ ରଫାଦଫା କରିବାକୁ ମହିଳା ଏସ୍‌ଆଇ ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ସତ୍ୟତା ଜଣାପଡ଼ିବା ପରେ ସଂପୃକ୍ତ ଏସଆଇଙ୍କୁ ପୋଲିସ ମୁଖ୍ୟାଳୟକୁ ବଦଳି ହୋଇଥିଲା। ତେବେ ଏକ ଦୁଷ୍କର୍ମ ମାମଲାର ସାକ୍ଷ୍ୟ ଦେବାକୁ ବୁଧବାର ସଂପୃକ୍ତ ଏସଆଇ କୋର୍ଟ ଆସିଥିଲେ। ତେଣୁ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଲୋକଲୋଚନକୁ ଆସିଯିବା ଭୟରେ ସେ ସଂପୃକ୍ତ ଅଭିଯୋଗକାରୀଙ୍କୁ ତାଙ୍କ ସହଯୋଗୀଙ୍କ ଜରିଆରେ ଅପହରଣ କରି ଦିନସାରା ଅଟକ ରଖିବା ସହ ତାଙ୍କ ମୋବାଇଲ ନେଇଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ଘଟିଛି ଗଜପତି ଜିଲା ମୋହନା ଥାନା ଅଞ୍ଚଳରେ। ପ୍ରକାଶ ଯୋଗ୍ୟ, ମୋହନା ଥାନାରେ କାର୍ଯ୍ୟରତ ମହିଳା ଏସ୍‌ଆଇ ଜ୍ୟୋସ୍ନା ରାୟ ଗଞ୍ଜେଇ ଚାଲାଣ ମାମଲାରେ ଜବତ ଏକ ଅଟୋକୁ ମୁକ୍ତ କରିବା ପାଇଁ ନୁଣ୍ଡୁଜ ଗ୍ରାମର ବୃଦ୍ଧ ପ୍ରେରିତ ମାଝୀଙ୍କ ଠାରୁ ନିଜ ସହଯୋଗୀ ପିଣ୍ଡିକି ଗ୍ରାମର ପ୍ରଜ୍ଞା ନାୟକଙ୍କ


ଥାନାରେ ଅଭିଯୋଗ ଦାଖଲ କରୁଛନ୍ତି ବୃଦ୍ଧ ପ୍ରେରିତ।

ସହଯୋଗରେ ବିଭିନ୍ନ ପର୍ଯ୍ୟାୟରେ ୨୦ ହଜାର ଟଙ୍କା, ୪ଟି କୁକୁଡ଼ା ଓ ୫କେଜି ମାଛ ନେଇଥିଲେ। କିନ୍ତୁ ଜବତ ଅଟୋଟିକୁ ମୁକ୍ତ କରିନଥିଲେ। କିଛିଦିନ ପରେ ପ୍ରେରିତ ଏସଆଇଙ୍କୁ ଦେଇଥିବା ଟଙ୍କା ମାଗିବାରୁ ତାଙ୍କୁ ବିଭିନ୍ନ ଧମକ ଚମକ ଦେଇ ତାଙ୍କ ପାଟି ବନ୍ଦ ରଖିଥିଲେ। ନିରୀହ ଆଦିବାସୀ ବୃଦ୍ଧ ପ୍ରେରିତ ପୋଲିସ ଭୟରେ ଘଟଣା ସମ୍ପର୍କରେ କାହାକୁ ଜଣାଇନଥିଲେ। ଶେଷରେ ବାଧହୋଇ ଗତ ମାର୍ଚ୍ଚ ୨୫ରେ ପ୍ରେରିତ ମହିଳା ଏସଆଇ ଜ୍ୟୋସ୍ନା ଏବଂ ସହଯୋଗୀ ପ୍ରଜ୍ଞାଙ୍କ ବିରୋଧରେ ମୋହନା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କୌଣସି ନ୍ୟାୟ ନପାଇବାରୁ ମୋହନା ସାମ୍ବାଦିକ ସଂଘକୁ ଅବଗତ କରିଥିଲେ। ମାର୍ଚ୍ଚ ୨୭ରେ ମୋହନା ସାମ୍ବାଦିକ ସଂଘ ସଦସ୍ୟମାନେ ପ୍ରେରିତଙ୍କୁ ଥାନାକୁ ନେବାସହ ଥାନା ଅଧିକାରୀଙ୍କୁ ମାମଲା ରୁଜୁ କରିବା ପାଇଁ କହିଥିଲେ। ଘଟଣା ପ୍ରଘଟ ହେଲେ ପୋଲିସ ବିଭାଗ ବଦନାମ ହେବା ଭୟରେ ସାମ୍ବାଦିକମାନଙ୍କୁ ଖବର ପ୍ରକାଶ ନ କରିବା ପାଇଁ ଅନୁରୋଧ କରିଥିଲେ। ତତ୍କାଳୀନ ଥାନାଅଧିକାରୀ ପ୍ରଶାନ୍ତ ନିଶିକା ଘଟଣାର ସମାଧାନ କରିବା ସହ ମହିଳା ଏସଆଇଙ୍କୁ ତୁରନ୍ତ ୨୦ ହଜାର ଟଙ୍କା ଫେରସ୍ତ କରିବା ପାଇଁ କହିଥିଲେ। ଏସଆଇ ଜ୍ୟୋସ୍ନାଙ୍କ ପକ୍ଷରୁ ପ୍ରେରିତଙ୍କୁ କୌଣସି ହଇରାଣ ହରକତ କରାଯିବ ନାହିଁ ବୋଲି ଏକ ଚୁକ୍ତିପତ୍ର ସମ୍ପୃକ୍ତ ଏସ୍‌ଆଇ ଏବଂ ତାଙ୍କ ସହଯୋଗୀଙ୍କ ସ୍ୱାକ୍ଷର ସହ ରଖିଥିଲେ। କିନ୍ତୁ ଘଟଣା ପରେ ମୋହନା ଥାନା ଅଧିକାରୀ ପ୍ରଶାନ୍ତ ନିଶିକାଙ୍କୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଯାଇଥିଲା। ଘଟଣା ସମ୍ପର୍କରେ ଗଜପତି ଏସପି ସ୍ୱାତୀ. ଏସ କୁମାର ଅବଗତ ହେବାପରେ ଏସଆଇ ଜ୍ୟୋସ୍ନାଙ୍କୁ ତୁରନ୍ତ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରିଥିଲେ। ବୁଧବାର ମୋହନା କୋର୍ଟକୁ ଏକ ଦୁଷ୍କର୍ମ ମାମଲାର ସାକ୍ଷୀ ଦେବାକୁ ଆସିଥିବା ଏସ୍‌ଆଇ ଜ୍ୟୋସ୍ନା ତାଙ୍କର କିଛି ସହଯୋଗୀଙ୍କ ସହାୟତାରେ ବୃଦ୍ଧ ପ୍ରେରିତଙ୍କୁ ସକାଳ ୮.୩୦ ସମୟରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରୁ ଅପହରଣ କରିନେଇ କିରାମା ଗ୍ରାମରେ ଦିନ ତମାମ ରଖିଥିଲେ। ଏଭଳିକି ବୃଦ୍ଧଙ୍କ ମୋବାଇଲ ମଧ୍ୟ ବନ୍ଦ କରିଦେଇଥିଲେ। କୋର୍ଟ ସାକ୍ଷ୍ୟ ସାରି ଏସଆଇ ଜ୍ୟୋସ୍ନା ଏବଂ ସହଯୋଗୀ ପ୍ରଜ୍ଞା ଘଟଣା ସ୍ଥଳରେ ପହଞ୍ଚି ୧୦ ହଜାର ଟଙ୍କା ଯାଚିବା ସହ ନିଜେ ଦୋଷମୁକ୍ତ ବୋଲି ଲେଖି ଆଣିଥିବା ଏକପତ୍ରରେ ବୃଦ୍ଧ ପ୍ରେରିତଙ୍କୁ ସ୍ୱାକ୍ଷର କରିବା ପାଇଁ ବାଧ କରିଥିଲେ। ସେ ମନା କରିବାରୁ ଧମକ ଚମକ ଦେଇ ସ୍ୱାକ୍ଷର କରାଇ ନେଇ ସନ୍ଧ୍ୟାରେ ବୃଦ୍ଧଙ୍କୁ ଛାଡିଥିଲେ। ଏନେଇ ପ୍ରେରିତ ଗୁରୁବାର ମୋହନା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବର୍ତ୍ତମାନର ଥାନା ଅଧିକାରୀ ବସନ୍ତ କୁମାର ସେଠୀ ନଂ ୫୫/୨୩ରେ ମାମଲା ରୁଜୁ କରିବା ସହ ତଦନ୍ତ କରି ବୃଦ୍ଧଙ୍କୁ ନ୍ୟାୟ ଦିଆଯିବ ଓ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ପଞ୍ଚାୟତ ନିର୍ବାଚନ ପ୍ରଚାର ଜୋରଦାର

ଶେରଗଡ, ୨୮।୪(ଡି.ଏନ.ଏ.):

ଶେରଗଡ ବ୍ଲକର ଦୁଇ ପଞ୍ଚାୟତ ବରମୁଣ୍ଡଳୀ, କୁମାରପାଣିରେ ମେ' ୨ରେ ସରପଞ୍ଚ ପଦବୀ ପାଇଁ ଭୋଟଗ୍ରହଣ ହେବ। ଏଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି। ଭୋଟଦାନ କେନ୍ଦ୍ର ଠିକ ଥିବା ବେଳେ ଭୋଟ ପରିଚାଳନା କରୁଥିବା ଅଧିକାରୀଙ୍କ ତାଲିମ ସରିଛି। ବରମୁଣ୍ଡଳୀ ସରପଞ୍ଚ ପଦବୀ ପାଇଁ ତିନିଜଣ ପ୍ରାର୍ଥୀ ରଣାଙ୍ଗନରେ ଥିବାବେଳେ ପ୍ରଚାରକୁ ଜୋରଦାର କରିଛନ୍ତି। ସେହିପରି କୁମାରପାଣି ପଞ୍ଚାୟତରେ ଦୁଇ ଜଣ ପ୍ରାର୍ଥୀ ଲଢୁଛନ୍ତି। ପ୍ରାର୍ଥୀମାନଙ୍କ ପ୍ରଚାର ଗାଡି ପଇଁତରା ମାରୁଛି। ବରମୁଣ୍ଡଳୀର ବରିକୋଟ, ପରମାନନ୍ଦପୁର, ବରମୁଣ୍ଡଳୀ, ପଟାପାବୁଲି ଗ୍ରାମ ଓ କୁମାରପାଣି ପଞ୍ଚାୟତରେ ବାରସିଙ୍ଗି, ଭେଟସିଙ୍ଗି, କୁମାରପାଣି ଗ୍ରାମରେ ଭୋଟଗ୍ରହଣ ହେବ। ମେ' ୪ରେ ଭୋଟ ଗଣତି ହେବ। ସରପଞ୍ଚ ପଦବୀ ପାଇଁ ୫ଜଣ, ୨୫ଟି ୱାର୍ଡରେ ୫୦ ଜଣ ୱାର୍ଡ ସଦସ୍ୟଙ୍କ ଭାଗ୍ୟ ନିର୍ଣ୍ଣୟ ହେବ।

## ପଛୁଆ ବର୍ଗ ସର୍ଭେ ସଚେତନତା ରଥ ଶୁଭାରମ୍ଭ


ଜିଲାପାଳ ପତାକା ହଲାଇ ସଚେତନତା ରଥ ଶୁଭାରମ୍ଭ କରୁଛନ୍ତି।

ଛତ୍ରପୁର,୨୮।୪(ଡି.ଏନ୍.ଏ): ଗଞ୍ଜାମ ଜିଲାର ପଛୁଆ ବର୍ଗର ଲୋକମାନଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ସର୍ଭେ କାର୍ଯ୍ୟ ଆସନ୍ତା ମେ'୧ରୁ ଆରମ୍ଭ ହୋଇ ୨୭ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଏଥି ସକାଶେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ରଥ ଶୁଭାରମ୍ଭ କରିଛନ୍ତି। ଏହି ରଥ ସମଗ୍ର ଜିଲାରେ ପରିକ୍ରମା କରିବା ସହିତ ଲିଫଲେଟ ବଣ୍ଟନ କରାଯିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଜିଲାପାଳ (ସାଧାରଣ) ଲୀନା କୁମାରୀ ଖେସ, ଡେପୁଟି କଲେକ୍ଟର ସୁକାନ୍ତ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ଶୁଭଶ୍ରୀ ପାତ୍ର ପ୍ରମୁଖ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଦିବ୍ୟ ଜୀବନ ସଂଘର ନୂତନ କର୍ମକର୍ତ୍ତା

ବୁଗୁଡ଼ା,୨୮।୪(ଡି.ଏନ.ଏ.):

ବୁଗୁଡ଼ା ଦିବ୍ୟ ଜୀବନ ସଙ୍ଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଶୀନାଥ ବିଷୋୟୀ-ସଭାପତି, ରଘୁନାଥ ସାହୁ-ଉପସଭାପତି, ସନ୍ତୋଷ କୁମାର ରାଉତ-ସମ୍ପାଦକ, ରୀନା ଚୌଧୁରୀ-ସହ ସମ୍ପାଦିକା, କିଶୋର ଚନ୍ଦ୍ର ପଣ୍ଡା-କୋଷାଧ୍ୟକ୍ଷ, ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ-ଉପଦେଷ୍ଟା ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ନାରାୟଣ ଗନ୍ତାୟତ, ଭିକାରି ଚରଣ ଜେନା, ଲଳିତ ମୋହନ ପଟ୍ଟନାୟକ, ଖଲ୍ଲି ପଣ୍ଡା, ଅମ୍ବିକା ପ୍ରସାଦ ବିଷୋୟୀ, ସାରଳା ସ୍ୱାଇଁ, ଦୁର୍ଗା ପ୍ରସାଦ ଦାଶ, କନକ ଲତା ପାଢ଼ୀ ପ୍ରମୁଖ ମନୋନୀତ ହୋଇଥିଲେ।

## ଶ୍ରୀଅରବିନ୍ଦ ଶିକ୍ଷା ନିକେତନର ବାର୍ଷିକ ଉତ୍ସବ

ବେଲଗୁଣ୍ଠା,୨୮।୪:

ବେଲଗୁଣ୍ଠା ବ୍ଲକ ଗୋବରା ପଞ୍ଚାୟତ ବାସୁଦେବପୁରସ୍ଥିତ ଶ୍ରୀଅରବିନ୍ଦ ଶିକ୍ଷାନିକେତନର ୩୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେଲଗୁଣ୍ଠା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ଜିଲା ପରିଷଦ ସଭ୍ୟା ପୂର୍ଣ୍ଣବାସୀ ନାୟକ, ସରପଞ୍ଚ ସୁପ୍ରଭା ନାୟକ, ସମିତିସଭ୍ୟ ବିଭୁପାଦ ଜେନା, କ୍ଷତ୍ରିୟବରପୁର ସମିତିସଭ୍ୟ କୁଞ୍ଜବିହାରୀ ନାୟକ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷୀକେଶ ବିଶ୍ୱାଳ, ଶିକ୍ଷାବିତ ରାମକୃଷ୍ଣ ପାତ୍ର ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବ ଶିଶୁମାନଙ୍କ ପ୍ରତିଭାର ବିକାଶ ସାଧନ କରିଥାଏ ବୋଲି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଧନ୍ୟବାଦ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବାଲ୍ୟ ବିବାହ ରୋକିବା ସମସ୍ତଙ୍କ ଦାୟିତ୍ୱ

ଫୁଲବାଣୀ ଅଫିସ, ୨୮।୪

କନ୍ଧମାଳ ଜିଲାରେ ବାଲ୍ୟବିବାହ ରୋକିବା ନେଇ ଏକ ଜିଲାସ୍ତରୀୟ କର୍ମଶାଳା ଶୁକ୍ରବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟରେ ବାଲ୍ୟ ବିବାହକୁ ୨୦୨୪ ସୁଦ୍ଧା ଅଧା ଏବଂ ୨୦୩୦ ସୁଦ୍ଧା ସମ୍ପୂର୍ଣ୍ଣ ବିଲୋପ କରିବା, ବାଲ୍ୟ ବିବାହର କାରଣ, ବାଲ୍ୟ ବିବାହ ହେଲେ କ'ଣ ଅସୁବିଧା ହେଉଛି ଏବଂ ଏ ଦିଗରେ କ'ଣ ପଦକ୍ଷେପ ଗ୍ରହଣ କରାଯାଇ ପାରିବ ତାହା ଉପରେ ଆଲୋଚନା ହୋଇଥିଲା। ବାଲ୍ୟ ବିବାହ କରାଉଥିବା ଏବଂ ଅଂଶ ଗ୍ରହଣ କରୁଥିବା ସମସ୍ତ ବ୍ୟକ୍ତିଙ୍କୁ ଦୁଇ ବର୍ଷ ଜେଲ ଦଣ୍ଡ ସହିତ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯାଇ ପାରିବ। ବାଲ୍ୟ ବିବାହ ପ୍ରଭାବିତ ଝିଅକୁ ମାଗଣା ଆଇନ ସହାୟତା ସମେତ ଅନ୍ୟାନ୍ୟ ସମସ୍ତ ପ୍ରକାରର ଅତ୍ୟାବଶ୍ୟକ ସହଯୋଗ ଯୋଗାଇ ଦିଆଯିବ। କୌଣସି ସ୍ଥାନରେ ବାଲ୍ୟ ବିବାହ ହେଉଥିବା ଦେଖିଲେ ବା ବାଲ୍ୟ ବିବାହ ହେଉଥିବା ସମ୍ପର୍କରେ ଜଣାଇବାକୁ ହେଲେ, ବ୍ଲକସ୍ତରରେ ବାଲ୍ୟ ବିବାହ ନିଷେଧ ଅଧିକାରୀ (ସିଡିପିଓ), ଅଙ୍ଗନୱାଡି, ଚାଇଲ୍ଡ ଲାଇନ୍-୧୦୯୮, ପୋଲିସ୍ ହେଲ୍ପଲାଇନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଶିଶୁ ମଙ୍ଗଳ କମିଟି, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗଙ୍କ ସହ ଯୋଗାଯୋଗ କରାଯାଇପାରିବ। ଏହି କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସନ୍ଧ୍ୟାରାଣୀ ନାୟକ ବୈଠକ ପରିଚାଳନା କରିଥିଲେ। ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରଦନ ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ନନ୍ଦିନୀ ମଲ୍ଲିକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ନିରୁପମା ଦୋରା, ନବୀନ କିଶୋର ପଣ୍ଡା, କୁଇ ସମାଜ, କୁଟିଆ ସମାଜ, ମୁସଲିମ୍ ସମାଜ, ଖ୍ରୀଷ୍ଟିଆନ୍ ସମାଜ, ରଙ୍ଗଣୀ ସମାଜ, ତେଲି ସମାଜ, ଗୁଡ଼ିଆ ସମାଜ, ବ୍ରାହ୍ମଣ ସମାଜର ମୁଖିଆଙ୍କ ସମେତ ସଂପୃକ୍ତ ବିଭାଗୀୟ ପଦାଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତାମାନେ ଯୋଗଦେଇ ସେମାନଙ୍କ ମତ ରଖିଥିଲେ।

## ପାଣି ଦାବିରେ ରାସ୍ତାରୋକୋ

ଭଞ୍ଜନଗର,୨୮।୪(ଡି.ଏନ.ଏ):

ଭଞ୍ଜନଗର ବ୍ଲକ ଅନ୍ତର୍ଗତ ବଡ଼କୋଦଣ୍ଡା ଗ୍ରାମର ଶିବ ମନ୍ଦିର ସାହି ବାସିନ୍ଦା ପାଣି ଦାବିରେ ଶୁକ୍ରବାର ହାଣ୍ଡି ମାଠିଆ ଧରି ଗ୍ରାମ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଭଞ୍ଜନଗର ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ନିହାର ରଞ୍ଜନ ସ୍ୱାଇଁ, ଭଞ୍ଜନଗର ପୋଲିସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଏଥିସହ ପୂର୍ବଭଳି ସାହିବାସିନ୍ଦାଙ୍କୁ ନଦୀ ପାଣି ଦେବା ପାଇଁ ବ୍ୟବସ୍ଥା କରାଯାଇଥିଲା। ପ୍ରକାଶ ଯେ, ଲୋହରାଖଣ୍ଡି ନଦୀରେ ହୋଇଥିବା ବୋରୱେଲରୁ ଆଜକୁ କିଛିବର୍ଷ ହେବ ପାଇପ ଯୋଗେ ଗ୍ରାମବାସୀଙ୍କୁ ପାଣି ଦିଆଯାଉଥିଲା। କିନ୍ତୁ ଖରାଦିନେ କେତକ ସାହିକୁ ପାଣି ପର୍ଯ୍ୟାପ୍ତ ହେଉନାହିଁ। ତେଣୁ ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ପକ୍ଷରୁ ବିକଳ୍ପ ବ୍ୟବସ୍ଥା କରି ଗ୍ରାମ ଭିତରେ ଥିବା ବୋରୱେଲରୁ କିଛିଦିନ ପୂର୍ବେ ଶିବ ମନ୍ଦିର ସାହିକୁ ପାଣି


ଲୋକେ ହାଣ୍ଡି ମାଠିଆ ଧରି ରାସ୍ତା ଅବରୋଧ କରିଛନ୍ତି।

ଦିଆଯାଇଥିଲା। ଉକ୍ତ ପାଣି ମିଠା ନଥିବା ଯୋଗୁ ସାହିବାସିନ୍ଦା ଏନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିସହ ପାଣି ମିଳୁନଥିବା ଦର୍ଶାଇ ଶୁକ୍ରବାର ସକାଳେ ଶିବମନ୍ଦିର ସାହି ବାସିନ୍ଦା ଗ୍ରାମ ରାସ୍ତା ଅବରୋଧ କରିଥିଲେ। ଏନେଇ ଯନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ, ନଦୀରେ ଖୋଳା ହୋଇଥିବା ବୋରୱେଲ ପାଣି ଗ୍ରାମବାସୀଙ୍କୁ ଖରାଦିନେ ପର୍ଯ୍ୟାପ୍ତ ହେଉନାହିଁ। ଲୋକ ପ୍ରତିନିଧିମାନଙ୍କ ଅନୁରୋଧକ୍ରମେ ଗ୍ରାମ ଭିତରେ ଥିବା ବୋରୱେଲରୁ ପାଣି କିଛିଦିନ ପୂର୍ବେ ଦେବା ବ୍ୟବସ୍ଥା ହୋଇଥିଲା। କମ୍ ପାଣି ମିଳୁ ପଛେ ନଦୀ ପାଣି ଦେବାକୁ ଲୋକେ ଆଜି ଦାବି କରିଥିଲେ।

## ନାଟ୍ୟକଳା ସଂସଦର ବାର୍ଷିକ ଉତ୍ସବ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା, ୨୮।୪ (ଡି.ଏନ୍.ଏ):

ଆସିକା ବ୍ଲକର ନିମିନାସ୍ଥିତ ଏନବିସି କଲେଜରେ ଶୁକ୍ରବାର ମହାବିଦ୍ୟାଳୟର ନାଟ୍ୟକଳା ସଂସଦ ଓ ସାଂସ୍କୃତିକ ସଂସଦର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଡ. ସୁରେନ୍ଦ୍ରନାଥ ସାବତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଉଦଘାଟନ କରିଥିଲା ବେଳେ ମୁଖ୍ୟ ଅତିଥି ରୂପେ ନିମିନା ମହାନ୍ତି, ଚୈତନ୍ୟଚରଣ ଦାଶ ମହାରାଜ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗିଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। କଲେଜ ସ୍କାଉଟ, ଗାଇଡ, ଯୁବ ରେଡକ୍ରସ ଓ ଏନଏସଏସ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଘର ତାଲା ପକାଇବାକୁ ଆସି ଦେବୋତ୍ତର କର୍ତ୍ତୃପକ୍ଷ ହଟହଟା

ଗଞ୍ଜାମ,୨୮।୪(ଡି.ଏନ.ଏ.)

ଗଞ୍ଜାମ ସହର ତ୍ରିବେଣୀ ମଠ ଛକଠାରେ ଦୀର୍ଘ ୭୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ରହିଆସୁଛନ୍ତି କନ୍ଧ ଶତପଥୀ ଓ ତାଙ୍କ ପରିବାର। ୨୦୧୯ରୁ ତାଙ୍କ ଘର ପ୍ଲଟ ନଂ ୪୪୪ରେ ଘରବାରି ପଟ୍ଟା ରହିଛି। କିନ୍ତୁ ଦେବୋତ୍ତର ଜାଗା ଦର୍ଶାଇ ହାଇକୋର୍ଟରୁ ଶତପଥୀଙ୍କ ଘର ତାଲା ଠୁଙ୍କିବାକୁ ଶୁକ୍ରବାର ବ୍ରହ୍ମପୁର ଦେବୋତ୍ତର ବିଭାଗ ଡ଼ିଇଆଇ ହେମନ୍ତ ଦାସ, ମହିଳା ଇନ୍ସପେକ୍ଟର ଇସପିତା ବେହେରା ପ୍ରମୁଖ ପୋଲିସ ଫୋର୍ସ ନେଇ ପହଞ୍ଚିଥିଲେ। ତହସିଲଦାର ଅରୁଣ କୁମାର ନାୟକ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ ଏବଂ ଆଇନ ଶୃଙ୍ଖଳା ନିମନ୍ତେ ଗଞ୍ଜାମ ଥାନା ଆଇଆଇସି ସନ୍ତୋଷ କୁମାର ବେହେରା ଓ ମହିଳା ଏସଆଇ ସୁପ୍ରଭା ସାହୁଙ୍କ ସମେତ ପୋଲିସ ଫୋର୍ସ ମୁତୟନ ଥିଲେ। ବିନା ନୋଟିସରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ରହି ଆସୁଥିବା ଜଣେ ବ୍ୟକ୍ତିଙ୍କ ଘର କିଭଳି ତାଲା ପକାଇବେ


ଦେବୋତ୍ତର ବିଭାଗ କର୍ତ୍ତୃପକ୍ଷ ଓ ପୋଲିସ।

କହି ସ୍ଥାନୀୟ ଅଞ୍ଚଳ ଲୋକମାନେ ଏହାକୁ ପ୍ରବଳ ବିରୋଧ କରିଥିଲେ। ଘରବାରି ପଟ୍ଟା ଥିବା ଲୋକଙ୍କ ଘର କେମିତି ତାଲା ପକାଇ ଦେବ କହି ଆଇନଜୀବୀ ଦିଲ୍ଲୀପ କୁମାର ପଟ୍ଟନାୟକ, ରାକେଶ ରଞ୍ଜନ ଦାସ, ବିଷ୍ଣୁ ଚରଣ ବେହେରା, ସୁଧୀର କୁମାର ପାଢ଼ୀ, ବିନୋଦ ସାହୁ ପ୍ରମୁଖ ଦେବୋତ୍ତର ବିଭାଗ ଅତିରିକ୍ତ କମିଶନର ସୌମ୍ୟ ରଞ୍ଜନ ନାୟକଙ୍କୁ ଭେଟି ପ୍ରତିବାଦ କରିଥିଲେ। କନ୍ଧ ଶତପଥୀଙ୍କ ଘରେ ତାଲା ଠୁଙ୍କିବା ନିମନ୍ତେ କୌଣସି ନୋଟିସ ହୋଇ ନଥିବା ସେଠାରେ ଜଣାପଡିଥିଲା। ପରେ ଛତ୍ରପୁର ଉପଜିଲାପାଳ ପ୍ରସନ କୁମାର ପାତ୍ରଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଏନେଇ ତହସିଲଦାରଙ୍କ ଆଲୋଚନା କରିବେ ବୋଲି ଉପଜିଲାପାଳ କହିଥିଲେ। ଦିନ ତମାମ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ମନ୍ଦିର କର୍ତ୍ତୃପକ୍ଷଙ୍କ ପ୍ରରୋଚନାରେ ପ୍ରଶାସନ ଓ ଦେବୋତ୍ତର ଅଫିସର ଲାଞ୍ଚ ନେଇ ଏଭଳି କାର୍ଯ୍ୟ କରୁଥିବା ଘର ମାଲିକ ଶତପଥୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଘରବାରି ପଟ୍ଟା ଥିବା ବ୍ୟକ୍ତିଙ୍କୁ ହଇରାଣ ହରକତ କରୁଥିବା ନେଇ ଦେବୋତ୍ତର ଅଧିକାରୀଙ୍କ ବିରୁଦ୍ଧରେ ଆଇନର ଆଶ୍ରୟ ନିଆଯିବ ବୋଲି ଆଇନଜୀବୀ ଅକ୍ଷୁ ପଟ୍ଟନାୟକ କହିଛନ୍ତି। କୌଣସି ଉପାୟ ନ ପାଇ ଅପରାହ୍ନରେ ଅଧିକାରୀମାନେ ଫେରିଆସିଥିଲେ। ଏନେଇ ଦୋବୋତ୍ତର ଡ଼ିଆଇ ହେମନ୍ତ ଦାସଙ୍କୁ ପଚାରିବାରୁ ଦେବୋତ୍ତର କମିଶନରଙ୍କ ଆଦେଶ ପତ୍ର ସଂଖ୍ୟା ୬୭୨ /୬/୪/୨୦୨୩ ପ୍ରକାରେ ଶ୍ରୀରାଧା ଦାମୋଦର ଭୂସମ୍ପତିରୁ ସ୍ୱତ୍ୱ ଉଚ୍ଛେଦ ପାଇଁ ଆସିଥିଲୁ। କିନ୍ତୁ ଦେବତ୍ତର ବିଭାଗ ଉଚ୍ଚପଦସ୍ଥ ଅଧିକାରୀ ରହିତାଦେଶ ଦେବା ପରେ ଆମେ ଚାଲିଯାଉଛୁ ବୋଲି କହିଥିଲେ।

